ବିଜୁ ବାବୁଙ୍କ ୨୭ତମ ତିରୋଧାନ ଦିବସ ପାଳିତ

# 'ଆଜିର ସମୃଦ୍ଧ ଓଡ଼ିଶା ହେଉଛି ବିଜୁ ବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି'

ବାଲେଶ୍ୱର, ୧୭ ।୪(ସମିସ):

ଆଜି ଆମେ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳନ କରୁଛୁ ସତ ହେଲେ ବିଜୁବାବୁ ସବୁବେଳେ ସମୃଦ୍ଧ ଓଡ଼ିଶା ଗଠନ କରିବାକୁ ସ୍ୱପ୍ନ ଦେଖୁଥିଲେ। ଓଡ଼ିଶାବାସୀଙ୍କ ପାଇଁ ବିଜୁ ବାବୁଙ୍କ ଚିନ୍ତାଧାରା ଥିଲା ଅଲଗା। ସେହି ସ୍ୱପ୍ନକୁ ତାଙ୍କ ସୁପୁତ୍ର ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରିଛନ୍ତି। ଆଉ ଓଡ଼ିଶାକୁ ଦେଇଛନ୍ତି ଏକ ସ୍ୱତନ୍ତ୍ର ପରିଚୟ। ଏପରିକି ଆଜିର ଓଡ଼ିଶା ଏକ ସମୃଦ୍ଧ ଓଡ଼ିଶା ହୋଇଥିବା ବେଳେ ବିଜୁବାବୁଙ୍କ ପାଇଁ ଏହା ହେଉଛି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ବିଜୁବାବୁ ଓଡ଼ିଶା ବାସୀଙ୍କ ପାଇଁ ବିଭିନ୍ନ ଯୋଜନାମାନ ପ୍ରସ୍ତୁତ କରିଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ତାହା ପୂରଣ କରିଛନ୍ତି। ଯାହା ଫଳରେ ବିଶ୍ୱ ଦରବାରରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଛି।

ଆଜି ବଜୁବାବୁଙ୍କ ଏହି ଶ୍ରାଦ୍ଧ ବାର୍ଷିକରେ ଆମେ ସବୁ ଏକାଠି ହୋଇ ତାଙ୍କର ଏହି ଚିନ୍ତାଧାରାକୁ ଆଗକୁ ବଜାୟ ରଖିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ଭାବେ ମୁଖ୍ୟମନ୍ତ୍ରୀ କରିପାରିଲେ ବିଜୁ ବାବୁଙ୍କ ପ୍ରତି ଏହା ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ସ୍ଥାନୀୟ ସିଦ୍ଧିକଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ




ହୋଇଥିବା ଏକ ସାଧାରଣ ସଭାରେ ବାଲେଶ୍ୱର ସାଂସଦ ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତ ସିଂହାର କହିଛନ୍ତି। ଏହାସହ ସହ ସେ କହିଛନ୍ତି ଯେ ବିଜୁ ବାବୁ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାହା ପୂରଣ କରିଛନ୍ତି। ସେ ଜଣେ ଓବିସି ମହିଳା ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ତାଙ୍କୁ ବାଲେଶ୍ୱର ସାଂସଦ ପ୍ରାର୍ଥି ଭାବେ ଚୟନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାକୁ ନେଇ ଲୋକମାନଙ୍କ ପାଖକୁ ଯିବେ ବୋଲି ସେ କହିଛନ୍ତି। ଏହି ଅବସରରେ ସଦର ବିଧାୟକ ସ୍ୱରୂପ ଦାସ ଯୋଗଦେଇ ମଧ ନିଜର ମତ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ସକାଳେ ସହର ଉପକଣ୍ଠ ବୁଢ଼ାବଳଙ୍ଗ ନଦୀର ବାଲିଘାଟ ଠାରେ ତିଳତର୍ପଣ କରାଯାଇଥିବା ବେଳେ ବାଲିଘାଟରୁ ବାରବାଟୀ ସ୍କୁଲ ଛକ ପର୍ଯ୍ୟନ୍ତ ପ୍ରଭାତଫେରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ପରେ ବାରବାଟୀ ସ୍କୁଲ ଛକ ଠାରେ ଏକ ଜଳଛତ୍ର ମଧ୍ୟ ଉଦ୍‌ଘାଟନ ହୋଇଥିଲା। ଏଥିସହ ସକାଳ ୯ଟାରେ ଫାଣ୍ଡିଛକ ଏବଂ ଡିଆଇସି ଛକ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜକ ରଞ୍ଜନ ବାଗଙ୍କ ମଞ୍ଚ ସଞ୍ଚାଳନା ଏବଂ ବିଧାୟକ ଶ୍ରୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ପୌର ଉପାଧ୍ୟକ୍ଷ କୈଳାସ ସେଠୀ, ଜିଲ୍ଲା ପରିଷଦ ସଦସ୍ୟା ସୋନାଲି ବିଶ୍ୱାଳ, ଟାଉନ ସଭାପତି ସନତ ଦାସ, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, ଟାଉନ ମହିଳା ସଭାପତି ମୀନା ମହାନ୍ତି, ରାଜ୍ୟ ମହିଳା ସମ୍ପାଦକ ଦୀପାରାଣୀ ସାହୁ, ରାଜ୍ୟ ମହିଳା ବିଜୁ ଜନତା ଦଳର ସମ୍ପାଦକ ଜୟଶ୍ରୀ ବିଶ୍ୱାଳ, ରାଜ୍ୟ ଯୁଗ୍ମ ସମ୍ପାଦକ ସତ୍ୟରଞ୍ଜନ ଦାସ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ସେକ ଅନସର, ଉମାଶଙ୍କର ତିଆଡି, ବିଶ୍ୱଜିତ ମହାପାତ୍ର, ରାଜ୍ୟ ଯୁବ ସମ୍ପାଦକ ଧୀରେନ ନାୟକ, ଜିତେନ୍ଦ୍ର ଉପାଧ୍ୟାୟ, ସେକ ଆୟୁବ, ଛାତ୍ର ନେତା ବିଭୁଦତ ପରିଡ଼ା, ଶ୍ରଦ୍ଧାଞ୍ଜଳୀ ରାୟ, ମାନସଦାସ ପଟ୍ଟନାୟକ, ସୋନାଲି ବିଶ୍ୱାଳ, ବିଶ୍ୱଜିତ ମହାପାତ୍ର, ବିଜୟାନନ୍ଦ ସ୍ୱାଇଁ ପ୍ରମୁଖଙ୍କ ସହ ଅନ୍ୟମାନେ ଯୋଗାଦେଇ ସ୍ୱର୍ଗତଃ ବିଜୁ ବାବୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



**ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ ସହ ତିଳତର୍ପଣ** : ୧୯୯୭ ମସିହା ଏପ୍ରିଲ୍ ମାସ ୧୭ ତାରିଖରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଇହଧାମ ସମ୍ବରଣ କରିଥିଲେ। ତେଣୁ ଆଜି ରେମୁଣା ବିଜୁ ଜନତା ଦଳ ତରଫରୁ ପତ୍ରିପାଳ ପଞ୍ଚାୟତ ଅନ୍ତର୍ଗତ କୁଟ ପୋଖରୀରେ ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତଙ୍କ ଦ୍ୱାରା ତିଳତର୍ପଣ କରାଯାଇଥିଲା। ତତପରେ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ଏବଂ ରେମୁଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ନେତୃମଣ୍ଡଳୀଙ୍କ ଉପସ୍ଥିତି ତଥା ରେମୁଣା ବ୍ଲକ ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଉପସ୍ଥିତ ନେତୃମଣ୍ଡଳୀମାନେ ବିଜୁ ବାବୁଙ୍କ ଉପରେ ନିଜର ଅଭିଭାଷଣ ରଖିଥିଲେ। ସମସ୍ତ ନେତୃମଣ୍ଡଳୀ ଦୁର୍ଗାଦେବୀ ସ୍ଥିତ ନୂଆହାଟ ଛକ ଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟ ବିଜୁ ଜନତା ଦଳର ରେମୁଣା ବ୍ଲକ ସଭାପତିଙ୍କ ତତ୍ତ୍ୱାବଧାନ, ସମସ୍ତ ଜନ ପ୍ରତିନିଧିଙ୍କ ସହଯୋଗ ଏବଂ ପତ୍ରିପାଳ ସରପଞ୍ଚ ବିଦ୍ୟାସ୍ମିତା ମହାଳିକଙ୍କ ଉଦ୍ୟମରେ ସମ୍ପନ୍ନ ହୋଇଥିଲା।

**ବଳରାମପୁର/ଲଙ୍ଗଳେଶ୍ୱର** : ବସ୍ତା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ବାଲିଆପାଳ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱରଠାରେ ଆଧୁନିକ ଓଡ଼ିଶାର ନିର୍ମାତା, ମହାନ ଜନନାୟକ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ତମ ତିରୋଧାନ ଦିବସ ପାଳନ କରାଯାଇଛି। ବାଲିଆପାଳ ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ




ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ଏବଂ ନିର୍ବାଚନ ମଣ୍ଡଳୀର ପ୍ରଥମ ମହିଳା ବିଧାୟିକା ପ୍ରାର୍ଥୀନୀ ସୁବାସିନୀ ଜେନା ଉପସ୍ଥିତ ରହି ବିଜୁବାବୁଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଶ୍ରୀ ଜେନା ବିଜୁବାବୁଙ୍କ ସ୍ମୃତି ଚାରଣ କରିବା ସଙ୍ଗେ ସଙ୍ଗେ ତାଙ୍କର ସୁଯୋଗ୍ୟ ସନ୍ତାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ କିଭଳି ଦୀର୍ଘବର୍ଷ ଧରି ଓଡ଼ିଶାବାସୀଙ୍କ ସେବା କରି ଆସୁଛି ତାହା ଉଲ୍ଲେଖ କରିଥିଲେ। ଏଥି ସହ ନବୀନ ଓଡ଼ିଶା ଗଠନ ଆଗାମୀ ଯୁବପିଢ଼ିଙ୍କ ପାଇଁ ଏକ ମାଇଲଖୁଣ୍ଟ ସଦୃଶ ହେବ ବୋଲି କହିଥିଲେ। ବସ୍ତା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥିନୀ ସୁବାସିନୀ ଜେନା ମଧ ଆଧୁନିକ ଓଡ଼ିଶାର ବିନ୍ଧାଣି ବିଜବାବୁଙ୍କ ସ୍ମୃତିଚାରଣ କରିବା ସହିତ ବସ୍ତା ନିର୍ବାଚନ ମଣ୍ଡଳୀକୁ ଆଗାମୀ ଦିନରେ ଏକ ସରସ ସୁନ୍ଦର ଓ ବିକଶିତ ଅଞ୍ଚଳରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଏକ ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ ନବୀନ ଓଡ଼ିଶା ଗଢିବାର ସଂକଳ୍ପ ପାଇଁ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ନେତା ଶଶଧର ପ୍ରଧାନ, ଚକ୍ରଧର ଗିରି, ଭଗବାନ ଗିରି, ସୁବ୍ରତ ପଣ୍ଡା, ଲକ୍ଷ୍ମୀଧର ଦାସ, ଦେବ କୁମାର ଦେ, ସତ୍ୟାନନ୍ଦ ମହାନ୍ତି, ଅଜୟ ସାମଲ, ବେଣୁଧର ଜେନା, କାଞ୍ଚନ ଜେନା, ଲିପିକା ରାଉଳଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧି, ଅନ୍ୟ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ।

**ଜଳେଶ୍ୱର ବ୍ଲକ** : ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ ତମ ଶ୍ରାଦ୍ଧ ଦିବସ ଜଳେଶ୍ୱରରେ ପାଳିତ ହୋଇ




ଯାଇଛି। ଏହି ଅବସରରେ ଜଳେଶ୍ୱର ବିଜେଡି ପକ୍ଷରୁ ବିଧାୟକ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ରଙ୍କ ସହ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ନଗରପାଳ ପ୍ରତୀପ କୁମାର ପ୍ରଧାନ, ଉପ ନଗରପାଳ ପୁଷ୍ପପ୍ରିୟା କାମିଲା, ବିଜେଡି ନଗର ସଭାପତି ସୁରଜିତ ଘୋଷ, ବରିଷ୍ଠ ବିଜେଡି ନେତା ବିଜୟ କୁମାର କାମିଲା, ସଞ୍ଜିବ କୁମାର ପାଲ, ଅର୍ଚ୍ଚନା ଗିରି, ସୁଷମା ରାଣୀ କର, ଗୋବିନ୍ଦ ଚନ୍ଦ୍ର ସାହୁ, ଆନନ୍ଦ କର, ସୁଶାନ୍ତ କୁମାର ସାହୁ, ସୁରଜ୍ ଚୌରାସିୟା, ମିର ଆବାସ ଅଲ୍ଲି, ସମରେନ୍ଦ୍ର ପରିଡ଼ାଙ୍କ ସହ ବିଜେଡି ଦଳର କର୍ମୀମାନେ ସାମିଲ ହୋଇ ଶାସନବାର୍ଡ ସ୍ଥିତ ସୁବର୍ଣ୍ଣରେଖା ନଦୀ କୂଳରେ ତିଳ ତର୍ପଣ କରିଥିଲେ। ପରେ ସକାଳ ୮ ଘଣ୍ଟା ୩୦ ମିନିଟ ସମୟରେ ବଡ଼ ବଜାରସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଜିକେ ଭଟ୍ଟର ହସପିଟାଲରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ। ଅପରାହ୍ନରେ ଜଳେଶ୍ୱର ନୂଆ ବଜାରସ୍ଥିତ ଭଞ୍ଜ ଭବନ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାପରେ ବିଜେଡି ବ୍ଲକ ସଭାପତି ଦିଲ୍ଲୀପ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀ ତଥା ବିଜେଡି ବିଧାୟକ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ନଗରପାଳ ପ୍ରତୀପ କୁମାର ପ୍ରଧାନ, ନଗର ବିଜେଡି ସଭାପତି ସୁରଜିତ ଘୋଷ, ଯୁବ ସଭାପତି ବିଶ୍ୱଜିତ୍ ପାଳ, ବସ୍ତା ବ୍ଲକ ଉପ ସଭାପତି ଅନାଦି ଚରଣ ଦାସ, ବସ୍ତା ବ୍ଲକ ଉପାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର ପ୍ରମୁଖ ମଞ୍ଚାସିନ ରହି ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଜ୍ଞାପନ କରିବା ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା।

**ନୀଳଗିରି** : ନୀଳଗିରି ଏନଏସି କଲ୍ୟାଣ ମଣ୍ଡପ ପରିସରରେ ସନ୍ତୋଷ ଖଟୁଆଙ୍କ ଅଧ୍ୟକ୍ଷତାରେ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନ ୮ ଘଟିକା ସମୟ ରେ ନୀଳଗିରି ଏନଏସି ର ୬ ନମ୍ବର ୱାର୍ଡ ଅଧିନ ଶଙ୍କରାଖୁଣ୍ଟା ପୋଖରୀରେ ତିଳତର୍ପଣ କରାଯାଇ ପରେ ବାଇପାସ ଛକରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରୀ ଖଟୁଆ ସମେତ ଦଳୀୟ କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ସହ ସମ୍ପାଦକ ତଥା ଜିଲ୍ଲା ପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଔପଦା ବ୍ଲକ ଅଧ୍ୟକ୍ଷା ବିସିବିସ୍ମା ପାତ୍ର, ଏନଏସି ଅଧ୍ୟକ୍ଷା ଅମ୍ବିକା ଦାସ, ଜିଲ୍ଲା ପରିଷଦ ସଦସ୍ୟା ମୁନୀ ସିଂ, ରଞ୍ଜିତା ସିଂ, ସୁବର୍ଣ୍ଣ ମଞ୍ଜରୀ ସିଂ, ଔପଦା ବ୍ଲକ ସଭାପତି ଅଶୋକ ପ୍ରଧାନ, ବରିଷ୍ଠ ନେତା ଶିଶିର କୁମାର ରାଉତ, କୃତିବାସ ବେହେରା, ରବୀନ୍ଦ୍ର ପରିଡ଼ା, ରବୀନ୍ଦ୍ର ନାୟକ, ସୁରଞ୍ଜନ ମହାପାତ୍ର, ଯୋଗେନ୍ଦ୍ର ରାଉତ, କାର୍ତ୍ତିକେଶ୍ୱ ପଣ୍ଡା, ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି, ରବି ସିଂ, ବ୍ଲକ ବିଜେଡି ଯୁବ ସଭାପତି ଧୀରେନ୍ଦ୍ର ଲେଙ୍କା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଅନୁରୂପ ଭାବେ ବିଧାୟକ ସୁକାନ୍ତ ନାୟକ ବାଇପାସ ଛକରେ ନିଜ ସମର୍ଥକଙ୍କୁ ଧରି ସାଧାରଣ ସଭାରେ ଯୋଗ ଦେଇଥିଲେ।




## ୨ ହରିଣ ଉଦ୍ଧାର



ଖଇରା, ୧୭ । ୪(ସମିସ): ପ୍ରବଳ ଉତାପରୁ ମୁକ୍ତିପାଇଁ ବନ୍ୟଜନ୍ତୁ ମାନେ ଏବେ ଗାଁ ଭିତରକୁ ପଶୁଥିବା ପରିଲକ୍ଷିତ ହୋଇଛି। ଏଭଳି ୨ଘଟଣା ବାଲେଶ୍ୱର ଜିଲା ସୋର ରେଞ୍ଜ ଖଇରା ବ୍ଲକର ୨ ଗ୍ରାମରେ ଦେଖିବାକୁ ମିଳିଛି। ପ୍ରଥମତଃ ଅଘାପଦା ଗ୍ରାମର ଗୟାଧର ସାହୁଙ୍କ ବାଡିକୁ ଏକ ହରିଣ ପଶିଆସିଥିବା ବୁଧବାର ସକାଳେ ଗ୍ରାମବାସୀ ଦେଖି ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ଗ୍ରାମରେ ପହଞ୍ଚି ଜୀବିତ ଅବସ୍ଥାରେ ଉଦ୍ଧାର କରି କୁଲଡିହା ଅଭୟାରଣ୍ୟରେ ଛାଡିଥିଲେ। ସେପଟେ ବଡନୁଆଗାଁ ଗ୍ରାମ ପଞ୍ଚାୟତ ସଇଁ ଗ୍ରାମକୁ ମଙ୍ଗଳବାର ରାତିରେ ପଶିଆସିଥିବା ହରିଣକୁ କୁକୁର ମାନେ ଗୋଡାଇ ଖଣ୍ଡିଆ ଖାବରା କରିଥିଲେ। ସକାଳେ ଗ୍ରାମବାସୀ ଏ ଅବସ୍ଥା ସମ୍ପର୍କରେ ବନବିଭାଗକୁ ଜଣାଇବାରେ ପରେ ବନବିଭାଗ ମୃତହରିଣକୁ ବ୍ୟବଚ୍ଛେଦ ପରେ ପୋତିଦେଇଥିଲେ।

## ବାଲି ବୋଝେଇ ଗାଡ଼ି ଜବତ, ଚାଳକ ଗିରଫ

ଚୌକି, ୧୭।୪(ସମିସ): ସାହାବାଜିପୁର ଏବଂ ଗଣେଶ୍ୱରପୁର ସୀମା ଦେଇ ଓଡ଼ିଶାରୁ ପଶ୍ଚିମବଙ୍ଗ ରାଜ୍ୟ ଦୀଘା ଓ ଦେଉଳି ହାଟ ଦେଇ ଶତାଧିକ ଟ୍ରାକ୍ଟର ଓ ଡମ୍ଫର ଯୋଗେ ବାଲି ଚୋରାରେ ଚାଲାଣ ହେଉଛି। ଭୋଗରାଇ ଥାନା ପୋଲିସ ଓଡ଼ିଶା- ପଶ୍ଚିମବଙ୍ଗ ସୀମା ଦେଇ ବାଲି ବୋଝେଇ ଡ଼ମ୍ପର ଯାଉଥିଲା ବେଳେ ଏକ ଡ଼ମ୍ପରକୁ ଅଟକାଇ ଜବତ କରିବା ସହିତ ଗାଡ଼ିର ଡ୍ରାଇଭର ଅଜୟ ପାଳ ଙ୍କୁ ଭୋଗରାଇ ଥାନାରେ ଅଟକ ରଖି ୧୭୩/୨୪ରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଥିବା ଜଣା ପଡ଼ିଛି।

## ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ସୋର, ୧୭।୪(ସମିସ): ସୋର ବ୍ଲକ ମାଣତ୍ରୀ ପଞ୍ଚାୟତ ରଙ୍ଗପତି ଗ୍ରାମର ଜଣେ ବୃଦ୍ଧ ପୋଖରୀରେ ପଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଏହି ଗ୍ରାମର ଲମ୍ବୋଦର ବେହେରା ଆଜି ମଧ୍ୟାହ୍ନରେ ଶୌଚ ହେବାକୁ ଘର ନିକଟସ୍ଥ କଇଁ ଗଡିଆକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ଉକ୍ତ ପୋଖରୀରେ ତାଙ୍କୁ ଭାସୁଥିବା ଅବସ୍ଥାରେ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ !

ଚନ୍ଦନେଶ୍ୱର, ୧୭।୪(ସମିସ): ମୁଣ୍ଡଫଟା ଖରା ସାଙ୍ଗକୁ ପ୍ରବଳ ଗ୍ରୀଷ୍ମପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଗତ ଦୁଇଦିନ ତଳେ ବିଲରେ କାମ କରୁଥିବା ବେଳେ ମହେଶପୁର ଗ୍ରାମର ଜଣେ କୃଷକ ଟଳି ପଡ଼ିଥିଲେ। ପୁଣି ମଙ୍ଗଳବାର ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିଲା ବେଳେ ଭୋଗରାଇ ଥାନା ନାରାୟଣ ମହାନ୍ତି ପଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରାବାଲି ଗ୍ରାମୀଣ ଡାକଘରେ କାର୍ଯ୍ୟରତ ଗୀତା ମୁର୍ମୁଙ୍କ ସ୍ୱାମୀ ବାବୁରାମ ମାରାଣ୍ଡି (୪୫) ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ସ୍ତ୍ରୀ ଗୀତା ଅସୁସ୍ଥ ଥିବାରୁ ବାବୁରାମ ଦିନ ୧୧ଟାରେ ଡାକ ବାହକ ସାଜିବା ସହିତ ଡାକ ବିତରଣ କରି ପାଖାପାଖି ଦିନ ପ୍ରାୟ ୧୨ଟା ସମୟରେ ମାଟିକେଞ୍ଚା ଛକରେ ଥିବା ତାଙ୍କର ବାସଭବନକୁ ଫେରିଆସି ଚେତାଶୂନ୍ୟ ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ସେ ଡାକ୍ତରଙ୍କ ପାଖକୁ ନ ଯାଇ ରାତି ୨ଟା ପର୍ଯ୍ୟନ୍ତ ଆଉଟୁ ପାଉଟୁ ହୋଇ ବିଳମ୍ବିତ ରାତିରେ ଶେଷ ନିଃଶ୍ୱାସ ତ୍ୟାଗକରିଥିବାର ପରିବାର ପକ୍ଷରୁ ସୂଚନା ମିଳିଛି। ଏହା ଅଂଶୁଘାତ ଜନିତ ମୃତ୍ୟୁ ବୋଲି କୁହାଯାଉଛି।

## ଦୁର୍ଘଟଣାରେ ୨ ଗୁରୁତର

ଚୌକି, ୧୭।୪ (ସମିସ): ଭୋଗରାଇ ବ୍ଲକ ଥାନା ଛକ-ଭୋଗରାଇ ରାସ୍ତା ଜଳେଶ୍ୱରପୁରସ୍ଥିତ ଆରଆଇଏଚଏସ କଲେଜ ଆଗରେ ଆଜି ଦୁଇଟ ବାଇକ୍ ମୁହାଁମୁହିଁ ହେବା ଫଳରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ହୋଇଥିବା ଦୁଇ ଜଣ ହେଲେ ବାଜିତ ପୁରଗ୍ରାମର ପ୍ରଶାନ୍ତ ସେଠୀ ଓ ତାପସ ପାତ୍ର। ଦୁହେଁ ଦୁହିଁଙ୍କୁ ମୁହାଁମୁହିଁ ଧକ୍କା ହୋଇ ଥିଲା। ସ୍ଥାନୀୟ ଲୋକମାନେ ଦୁଇ ଯୁବକଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନେଇ ଯାଇ ଚିକିତ୍ସିତ କରାଇଥିଲେ।

## ଶଙ୍ଖାଝୁରି ଗ୍ରାମକୁ ରାସ୍ତା ନିର୍ମାଣ ଦାବି

ଚୌକି, ୧୭।୪ (ସମିସ) : ଭୋଗରାଇ ବ୍ଲକ ଟୁକୁରିହାଜିରା ପଞ୍ଚାୟତ ଶଙ୍ଖାଝୁରି ଗ୍ରାମ ଏବେବି ବାହ୍ୟ ଜଗତରୁ ବିଚ୍ଛିନ୍ନ। ଏହି ଗ୍ରାମର ଜନସଂଖ୍ୟା ପୁରୁଷ ଓ ମହିଳା ମିଶି ପାଖାପାଖି ୨୦୦ ରୁ ୩୦୦ ହୋଇଥିଲା ବେଳେ ଏହି ଗାଁରୁ ରଣକୋଠା - ଭୂଷଣ୍ଡେଶ୍ୱର ମୁଖ୍ୟ ରାସ୍ତାକୁ ସଂଯୋଗ ହୋଇନାହିଁ। ଲୋକେ ଅଣ ଓସାରିଆ ମାଟି ରାସ୍ତା ଦେଇ ଯାତାୟାତ କରୁଛନ୍ତି। ବିଶେଷ କରି ବର୍ଷା ସମୟରେ ଲୋକେ ଯିବା ଆସିବାରେ ଦୁର୍ଦ୍ଦଶା ଭୋଗୁଛନ୍ତି। ପିଲାମାନେ ବିଦ୍ୟାଳୟକୁ ଯିବା ଆସିବା କଷ୍ଟକର ହେଉଥିବାରୁ ଅଧିକାଂଶ ପିଲା ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଗ୍ରାମବାସୀ ମାନେ ଏବେ ଯେଉଁ ରାସ୍ତା ଦେଇ ଯିବା ଆସିବା କରୁଛନ୍ତି ସେହି ରାସ୍ତାଟି ପୁଣି କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ବ୍ୟକ୍ତିଗତ ସମ୍ପତ୍ତି ହୋଇଥିବାରୁ ସରକାରୀ ରାସ୍ତା ନିର୍ମାଣ ସମ୍ଭବ ହୋଇପାରୁନାହିଁ। ତେଣୁ ଏଥିପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରି ନୂତନ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ପକ୍ଷରୁ ଦାବି ହୋଇଛି। ଯଦି ପ୍ରଶାସନ କୌଣସି ପଦେକ୍ଷପ ନ ନିଅନ୍ତି ତେବେ ଗ୍ରାମବାସୀ ରାଜରାସ୍ତାକୁ ଅବରୋଧ କରିବେ ବୋଲି ଯାଦବେନ୍ଦ୍ର ସେନ, ରବୀନ୍ଦ୍ର ଗିରି ଯୋଗେନ୍ଦ୍ର ଗିରି, ଉତ୍ତମ ଭଞ୍ଜ, ରମାକାନ୍ତ ପରିଡ଼ା, ରାଧାକାନ୍ତ ପରିଡ଼ା, ନିଳକାନ୍ତ ପରିଡ଼ା, ଶଶିକାନ୍ତ ପରିଡ଼ା, ଶୁଖମଣୀ ଗିରି ସୁସିଲ ଭଞ୍ଜ, ଶରତ ଗିରି ସୁଶାନ୍ତ ସେନାପତି, ସରୋଜ ପ୍ରଧାନ, ମନୋଜ ପ୍ରଧାନ ସୁଶିଲ ପରିଡ଼ା ପ୍ରମୁଖ ଚେତାବନୀ ଦେଇଛନ୍ତି।

# କବିବର ରାଧାନାଥ ରାୟଙ୍କ ତିରୋଧାନ ଦିବସ ପାଳିତ

ବାଲେଶ୍ୱର, ୧୭।୪(ସମିସ):

ସୋର ନିକଟବର୍ତ୍ତୀ କେଦାରପୁର ଗ୍ରାମରେ ୧୮୪୮ ମସିହା ସେପ୍ଟେମ୍ବର ୨୮ ତାରିଖରେ ଜନ୍ମିତ ଏବଂ ୧୭ ଏପ୍ରିଲ୍ ୧୯୦୮ ମସିହାରେ ସ୍ୱର୍ଗାରୋହଣ କରିଥିବା ଉତ୍କଳ ମାତାଙ୍କ ସୁଯୋଗ୍ୟ ସନ୍ତାନ ମହାନ୍ କାବ୍ୟସ୍ରଷ୍ଟା କବିବର ରାଧାନାଥ ରାୟଙ୍କ ପୁଣ୍ୟ ଶ୍ରାଦ୍ଧ ତିଥିରେ ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଗଡ଼ଗଡ଼ିଆ ଘାଟସ୍ଥିତ ସଂସ୍କୃତି ବିଭାଗ ଦ୍ୱାରା ସ୍ଥାପିତ ତାଙ୍କର ପୂର୍ଣ୍ଣାଅବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। ଉତ୍କଳ ସମ୍ମିଳନୀର ବାଲେଶ୍ୱର ଜିଲ୍ଲା ଶାଖା ସମ୍ପାଦକ କବି କାଳୀପଦ ପଣ୍ଡା କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କବିବରଙ୍କ କାଳଜୟୀ ସୃଷ୍ଟି କେଦାରଗୌରୀ, ଚିଲିକା, ଦରବାର, ଉଷା, ନନ୍ଦିକେଶ୍ୱରୀ, ପାର୍ବତୀ ଏବଂ ମହାଯାତ୍ରା ଭଳି ଅନବଦ୍ୟ ସୃଷ୍ଟିର ଅବତାରଣା କରି ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟ କବିବରଙ୍କ ସୃଷ୍ଟିପାଇଁ ବିପୁଳ ଧନଶାଳୀ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ପରାଧୀନ ଦେଶରେ ବହୁ ପାଠ୍ୟପୁସ୍ତକର ପ୍ରଣୟନ ଠାରୁ ଆରମ୍ଭ କରି ଭାଷା ଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ନିର୍ମାଣ ଦିଗରେ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାଠାରୁ ସେ ଏହାର ଦୃଢ଼ ନେତୃତ୍ୱ ଦେଇଆସିଥିବାରୁ ଓଡ଼ିଶାବାସୀ ଏହି ମହାନ୍ ସନ୍ତାନଙ୍କ ନିକଟରେ ଚିରଋଣୀ ବୋଲି ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ମତ



ପ୍ରକାଶ ପାଇଥିଲା। ଉତ୍କଳ ସମ୍ମିଳନୀର ଜିଲ୍ଲା ଶାଖାର କୋଷାଧ୍ୟକ୍ଷ ରତ୍ନାକର ଦାସ, ନୃସିଂହ ଚରଣ ନାୟକ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ବ୍ରହ୍ମାନନ୍ଦ ସ୍ୱାଇଁ, ବିଜନ କୁମାର ଦେ ପ୍ରମୁଖ ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଆଜି କବିବର ରାଧାନାଥ ରାୟଙ୍କ ତିରୋଧାନ ତିଥିରେ ଉତ୍କଳ ସମ୍ମିଳନୀ ବାଲେଶ୍ୱର ଶାଖା ପକ୍ଷରୁ ସମ୍ପାଦକ ଭାବେ ସଦସ୍ୟଙ୍କୁ ନେଇ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲି। ତେବେ ଦୁର୍ଭାଗ୍ୟର ବିଷୟ, ରାଜ୍ୟ ସରକାରଙ୍କ ପକ୍ଷରୁ ଗଡ଼ଗଡ଼ିଆ ଘାଟରେ ଏହି ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିଲେ ବି ଆଜିଭଳି ଦିନରେ ଜିଲ୍ଲା ପ୍ରଶାସନ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଭୁଲିଗଲେ। ପ୍ରତିମୂର୍ତ୍ତି ଉଚ୍ଚତା ଦୃଷ୍ଟିରୁ ଶିଡିଟିଏ ନିର୍ମାଣ କରାଯାଇ ନ ଥିବାରୁ ଗଳାରେ ମାଳାଟିଏ ଦେବା କାହା ପକ୍ଷେ ସମ୍ଭବ ହେଉନାହିଁ। ଯେଉଁ ଘାଟରେ ମଧୁସୂଦନ, ଫକୀରମୋହନ ଓ ରାଧାନାଥ ବସି ଓଡ଼ିଆ ଭାଷା ଭିତ୍ତିକ ପ୍ରଦେଶ ଗଠନର ମନ୍ତ୍ରଣା କରି ସଫଳ ହେଲେ ସେହି ସ୍ଥାନରେ ବାଲେଶ୍ୱରବାସୀ ତିନିଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦୀର୍ଘବର୍ଷ ଦାବି କରି ଆସୁଛନ୍ତି। କେବଳ ରାଧାନାଥଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିଲେ ଚତୁପାର୍ଶ୍ୱ ବେରିକେଡ୍ ସହ ଶିଡି ନ ଥିବାରୁ ଅନେକ ସମସ୍ୟା ସୃଷ୍ଟି ହେଉଛି। ଏ ଦିଗରେ ସ୍ୱର ଉଠାଇବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପଣ୍ଡା ମତବ୍ୟକ୍ତ କରିଛନ୍ତି।










## ଜିଲ୍ଲାର ବିଭିନ୍ନ ସ୍ଥାନରେ ପବିତ୍ର ଶ୍ରୀରାମ ନବମୀ

# 'ଜୟ ଶ୍ରୀରାମ' ଧ୍ୱନିରେ ପ୍ରକମ୍ପିତ ଗାଁରୁ ସହର

ବାଲେଶ୍ୱର, ୧୭ ।୪(ସମିସ):

ଶ୍ରୀ ରାମନବମୀ ହେଉଛି ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ପବିତ୍ର ଜନ୍ମ ତିଥି। ଏହି ଅବସରରେ ହଜାର ହଜାର ରାମଭକ୍ତଙ୍କ ଗହଣରେ ବାଲେଶ୍ୱର ସହରରେ ଏକ ବିଶାଳ ଶୋଭାଯାତ୍ରା ଅପରାହ୍ନରେ ସ୍ଥାନୀୟ ପରମିଟ ପଡ଼ିଆରୁ ବାହାରି ସହର ପରିକ୍ରମା କରିଥିଲା। ଜୟ ଶ୍ରୀରାମ ଧ୍ୱନି ଏବଂ ବାଦ୍ୟ ନୃତ୍ୟର ତାଳେ ତାଳେ ସମଗ୍ର ବାଲେଶ୍ୱର ସହର ରାମମୟ ହୋଇ ଉଠିଥିଲା। ଶଙ୍ଖଧ୍ୱନି, ମୃଦଙ୍ଗ, ଢୋଲ ସାଙ୍ଗକୁ ବିଭିନ୍ନ ପାରମ୍ପରିକ ବାଦ୍ୟରେ ଫାଟି ପଡୁଥିଲା ସହର। ପବିତ୍ର ରାମନବମୀକୁ ବାଲେଶ୍ୱରର ସମସ୍ତ ହିନ୍ଦୁ ଧର୍ମାବଲମ୍ବୀ ଭାଇ ଭଉଣୀମାନେ ଆନନ୍ଦ ଉଲ୍ଲାସରେ ପାଳନ କରିଥିଲେ। ସହରର ପରମିଟ ପଡ଼ିଆରେ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କୁ ପୂଜାପାଠ ଓ ସାମୂହିକ ହନୁମାନ ଚାଳିଶା ପାଠ ପରେ ଆରମ୍ଭ ହୋଇଥିଲା ଶୋଭାଯାତ୍ରା। ଏହି ପଦଯାତ୍ରା ପରମିଟ ପଡ଼ିଆ ଠାରୁ ଆରମ୍ଭ ହୋଇ ଜିଲ୍ଲା ସ୍କୁଲ, ଷ୍ଟେସନ ଛକ, ଫାଣ୍ଡି ଛକ, ଚିଡିଆପୋଲ, ଗୋପାଳଗାଁ ଦେଇ ଟାଉନହଲ, ସୁଏଲପୁର, ମଣ୍ଡଳ ବଜାର, ବାରବାଟୀ, ଦାମୋଦରପୁର, ଗୋଳାପୋଖରୀ, ଟାଉନ ଥାନା, ସିନେମା ଛକ ହୋଇ ପୁନର୍ବାର ପରମିଟ ପଡ଼ିଆଠାରେ ପହଁଚିଥିଲା। ଏହି ପଦଯାତ୍ରା ସମୟରେ ବିଶେଷ ଆକର୍ଷଣ ଭାବେ ଶ୍ରୀରାମ ଦରବାର, ଶ୍ରୀରାମ ଝାଙ୍କି, ପାରମ୍ପରିକ ବାଦ୍ୟଯନ୍ତ୍ର ପ୍ରଦର୍ଶନ, କେଉଁଝର ବାଜା, ଢେଙ୍କାନାଳ ବାଜା, ମୟୂରଭଞ୍ଜ ନୃତ୍ୟ, ପିଲାମାନଙ୍କ ଦ୍ୱାରା ବେଶଭୂଷା ସମେତ ୨୫ରୁ ଅଧିକ ଗାଁରୁ ମେଢ଼ ଏହି ପଦଯାତ୍ରାରେ ସାମିଲ ହୋଇଥିଲା। ବାଲେଶ୍ୱର ସହର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ୨୦ହଜାର ରାମଭକ୍ତ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଶୋଭଯାତ୍ରାରେ ଭଦ୍ରକ, ବୈଶିଙ୍ଗା, ଢେଙ୍କାନାଳ, ପୁରୀ, ବ୍ରହ୍ମପୁର ଆଦି ଅଞ୍ଚଳରୁ ପ୍ରଖ୍ୟାତ ବାଦ୍ୟଦଳ ସମେତ ବାଲେଶ୍ୱର କୀର୍ତନ ଦଳମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ସହର ରାସ୍ତାରେ ଏହି ଶୋଭାଯାତ୍ରା ଯାଉଥିବା ବେଳେ ବିଭିନ୍ନ ପାରମ୍ପାରିକ ଦଳ ବାଦ୍ୟ ନୃତ୍ୟ ପ୍ରଦର୍ଶନ କରିଥିଲେ। ଛୋଟ ଛୋଟ ପିଲାମାନେ ବେଦମନ୍ତ୍ର ପାଠ କରୁଥିବା ବେଳେ ବିଭିନ୍ନ ବେଶ ପୋଷାକରେ ଯୁବକମାନେ ଖେଳ ପ୍ରଦର୍ଶନ କରିଥିଲେ।

ଏହି ଅପୂର୍ବ ଶୋଭାଯାତ୍ରାରେ ଦଳମତ ନିର୍ବିଶେଷରେ ବିଭିନ୍ନ ରାଜନୈତିକ ଦଳର ନେତା ଏବଂ ଚଳିତ ନିର୍ବାଚନର ପ୍ରାର୍ଥୀମାନେ ସାମିଲ ହୋଇଥିବାର ଦେଖିବାକୁ ମିଳିଥିଲା। ଟ୍ରାଫିକ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ନିଜେ ଉପସ୍ଥିତ ରହିବା ବିଭିନ୍ନ ସ୍ଥାନରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ବିଭିନ୍ନ ଥାନାର ଅଧିକାରୀମାନେ ଏକାଧିକ ମୋବାଇଲ ଗାଡ଼ି ବ୍ୟବହାର କରି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିରେ ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।







**ଭୋଗରାଇ** : ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅନ୍ତର୍ଗତ ନସିରାବାଦ -ମାନକୁଣ୍ଡା ଗ୍ରାମ ସ୍ଥିତ ଶ୍ରୀରାମ ମନ୍ଦିରରେ ହିନ୍ଦୁ ସମ୍ପ୍ରଦାୟର ଆରାଧ୍ୟ ଦେବତା ମର୍ଯ୍ୟାଦା ପୁରୁଷ ଶ୍ରୀଶ୍ରୀ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ତିଥି ଓ ରାମନବମୀ ବ୍ରତୋତ୍ସବ ବୁଧବାର ପାଳିତ ହୋଇଯାଇଛି। ଶ୍ରୀରାମ ଚରିତ ମାନସ କମିଟି ଆନୁକୂଲ୍ୟରେ ସକାଳେ ନଗର କୀର୍ତ୍ତନ ସହିତ ପ୍ରଭାତ ଫେରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଘଟତ୍ତୋଳନ ଓ ଷୋଡ଼ଶ ଉପଚାରରେ ଶ୍ରୀରାମଚନ୍ଦ୍ରଙ୍କ ପୂଜାର୍ଚ୍ଚନା ହୋଇଥିଲା। ନସିରାବାଦ ଓ ମାନକୁଣ୍ଡା ସମେତ ପାର୍ଶ୍ୱବର୍ତ୍ତୀ ଅନଳିଆ, ନିଶନପୁର, ଖେଡସାହି, ଚାକୁଆ, ନୁଟୁରା, ହଡକି, ହରିଦାସପୁର ଆଦି ଗ୍ରାମର ୧ ହଜାରରୁ ଅଧିକ ବ୍ରତାଧାରୀ ମହିଳା ଓ ଯୁବତୀ ଏଠାରେ ଭୋଗଡ଼ାଲା ଲଗାଇ ପୂଜାର୍ଚ୍ଚନା କରିବା ସହ ନିଜ ପରିବାରର ମଙ୍ଗଳ ମନାସି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ରାମନାମ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ସ୍ଥାନୀୟ ଭକ୍ତ ମଣ୍ଡଳୀ ପକ୍ଷରୁ ରାମ କୀର୍ତ୍ତନ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆଳତି କାର୍ଯ୍ୟକ୍ରମ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶ୍ରୀରାମ ଚରିତ ମାନସ କମିଟିର କାର୍ଯ୍ୟକର୍ତ୍ତା ଭବଶଙ୍କର ମହାନ୍ତି, ଅନୀଲ ମହାନ୍ତି, ସୁଧାଂଶୁ ଶେଖର ମହାନ୍ତି, ନିଗମାନନ୍ଦ ମହାନ୍ତି, ବିନୋଦ ମହାନ୍ତି, ଭଗୀରଥ ପାତ୍ର, କ୍ଷିତିଶ ମହାନ୍ତି, ସଞ୍ଜୟ ମହାନ୍ତି, ବିଜୟ ମହାନ୍ତି, ହୃଷିକେଶ ପାତ୍ର, ପ୍ରମୋଦ ପାତ୍ର, ହରିପଦ ପାତ୍ର, ମଦନ ପାତ୍ର ପ୍ରମୁଖଙ୍କ ସମେତ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।

**ସୋର** : ସୋରରେ ଶ୍ରୀରାମ ସେନା ପକ୍ଷରୁ ପବିତ୍ର ଶ୍ରୀରାମନବମୀ ଶାନ୍ତି ଶୃଙ୍ଖଳାର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ପୌରପାଳିକା ଅନ୍ତର୍ଗତ ଷ୍ଟ୍ରକଚର ପଡ଼ିଆରୁ ବାହାରି ସହର ପରିକ୍ରମା କରି ରାଇପୁର ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ କମିଟି ତରଫରୁ ୪୦ଟି ବିଭିନ୍ନ ପ୍ରକାର ମେଢ଼ ସାମିଲ ହୋଇଥିଲା ଏବଂ ବିଭିନ୍ନ ପ୍ରକାର ବାଦ୍ୟ ଓ ନୃତ୍ୟରେ ସମଗ୍ର ସହର ପ୍ରକମ୍ପିତ ହୋଇଉଠିଥିଲା। ପ୍ରବଳ ଖରା ଏବଂ ଗୁଳୁଗୁଳି ସତ୍ୱେ ଏଥିରେ ପ୍ରାୟ ଚାଳିଶ ହଜାର ପୁରୁଷ ଏବଂ ମହିଳା ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଶାନ୍ତି ଶୃଙ୍ଖଳାର ସହିତ ଶୋଭାଯାତ୍ରା ସମାପନ କରିବା ପାଇଁ ପୁଲିସ ପ୍ରଶାସନ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ବାଲେଶ୍ୱର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିଲ ପ୍ରଧାନଙ୍କ ନେତୃତ୍ୱରେ ସଦର ଏସଡିପିଓ ଡ. ଶଶାଙ୍କ ଶେଖର ବେଉରା, ସୋର ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର, ଔପଦା ଆଇଆଇସି ଶ୍ରବଣ କୁମାର ମହାରଣା, ସିମୁଳିଆ ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ, ଖଇରା ଥାନା ଆଇଆଇସି ଗଦାଧର ବେହେରା, ସୋର ଥାନାର ସମସ୍ତ ଅଧିକାରୀଙ୍କ ୭ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିଲେ।

**ନୀଳଗିରି** : ନୀଳଗିରିର ବିଭିନ୍ନ ସ୍ଥାନରେ ଶ୍ରୀ ରାମଲାଲାଙ୍କର ପର୍ବ ମହା ଆଡମ୍ବର ରେ ପାଳିତ ହୋଇଛି। ଆଜି ନୀଳଗିରି ହସ୍ପିଟାଲ ରୋଡ ନିକଟ ହନୁମାନ ମନ୍ଦିର ସମ୍ମୁଖରେ ଏକ ମଣ୍ଡପ କରାଯାଇ ସେଥିରେ ରାମ, ସୀତା, ଲକ୍ଷ୍ମଣ ଓ ହନୁମାନଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇ ବୈଦିକ ରୀତିନୀତି ଅନୁଯାଇ ଶ୍ରୀ ରାମ ଲାଲାଙ୍କର ରାମ ନବମୀ ପୂଜା କାର୍ଯ୍ୟ ସମ୍ପନ୍ନ କରାଯାଇଛି। ଏହି ପୂଜା କାର୍ଯ୍ୟକ୍ରମକୁ ମହାବୀର ପୂଜା କମିଟିର ସଦସ୍ୟ ଭାସ୍କର ଖୁଣ୍ଟିଆ, ବ୍ରଜକିଶୋର ପାଣି, ଅଜିତ ନାୟକ, ବିଜୟ ବାରିକ, କାଳିଆ ରାଉତ, ଟିଂକି ମହାନ୍ତି, କାବୁଲି ବିଶ୍ୱାଳ, ପିଣ୍ଟୁ ରାଉତ, ଗୁଣ୍ଡିଆ ଜେନା, ଉମାକାନ୍ତ ନାୟକ ପ୍ରମୁଖ ପୂଜା କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନା କରିଥିବାର ଦେଖାଯାଇଛି।

**ଜଳେଶ୍ୱର ବ୍ଲକ** : ଶ୍ରୀରାମ ସେନା ଜଳେଶ୍ୱର ଓ ବଜରଙ୍ଗ ଦଳ ଜଳେଶ୍ୱର ପ୍ରଖଣ୍ଡ ପକ୍ଷରୁ ବୁଧବାର ରାମନବମୀ ସମାରୋହ ଏବଂ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ପୂର୍ବାହ୍ନରେ ବଡ଼ବଜାର ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ସହିତ ପଥରପୁରାସ୍ଥିତ ଶିବ ମନ୍ଦିର ପରିସରରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଶତାଧିକ ରାମ ଭକ୍ତମାନେ ହାତରେ ଗୈରିକ ପତକା ଧରି ଘଣ୍ଟ, ସଂକୀର୍ତ୍ତନରେ ଜଳେଶ୍ୱର ହିରୋ ସୋରୁମ ପାଖରୁ ଏକ ଶୋଭାଯାତ୍ରା ବାହାରି ମୁଖ୍ୟ ସହର ଦେଇ ମାଉସି ମା' ମନ୍ଦିର ନିକଟରେ ସମାପନ ହୋଇଥିଲା। ଶୋଭାଯାତ୍ରାରେ ସୁସଜ୍ଜିତ ରଥରେ ରାମ, ହନୁମାନ ବେଶ ଧାରୀଙ୍କୁ ରାସ୍ତାରେ ଲୋକ ସ୍ୱାଗତ ଓ ବନ୍ଦାପନା କରିଥିଲେ। ଶ୍ରୀରାମ ସେନା, ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦର ନେତୃତ୍ୱ ପ୍ରମୁଖ ଉପସ୍ଥିତ ଥିଲେ। ଶହ ଶହ ରାମ ଭକ୍ତଙ୍କ ଉପସ୍ଥିତିରେ ପବିତ୍ର ରାମନବମୀ ଆନନ୍ଦ ଉତ୍ସାହର ସହ ପାଳିତ ହୋଇ ଯାଇଛି। ସଭାପତି ପବନ ସାହୁ, ସତ୍ୟରଞ୍ଜନ ପରିଡ଼ା, ଗୋପିନାଥ ଧଳ, ରାଜେଶ ବିଦ, ଜୟ ଶଙ୍କର ବେହେରା, ସୌରବ ଗୁପ୍ତା, ଖକନ ଘୋଷ, ରାମକୃଷ୍ଣ ବାରିକ, ଅଜୟ ଦାସ, ଅଜୟ ପାତ୍ର, ଦୀପକ ଚୌରାସିଆ, ମାନସ ପାତ୍ର, ଗଣେଶ ଚନ୍ଦ୍ର ଭଞ୍ଜ, ମହେଶ୍ୱର ସେନାପତି, ରିତିକ ପ୍ରଧାନ ଏବଂ ବ୍ରଜ ମୋହନ ପ୍ରଧାନ, ସମୀର ପାତ୍ର, ଫାଲଗୁନି ପାଣିଗ୍ରାହୀ, ସିଦ୍ଧାର୍ଥ ଶଙ୍କର ପାଳ, ତପନ ବିଶ୍ୱାଳ, କାଳିଚରଣ ଦାସ, ସତ୍ୟ ଶୋଭନ ମିଶ୍ର, ଚନ୍ଦନ କର, ରାସ ବିହାରି ରଣା, ଆଇନଜୀବୀ ଦେବକାନ୍ତ କାସ୍ତ ଓ ଶହ ଶହ ରାମ ଭକ୍ତ ଉପସ୍ଥିତ ଥିଲେ। ଜଳେଶ୍ୱର ଥାନା ପକ୍ଷରୁ ଆଇଆଇସି ରଞ୍ଜନ କୁମାର ସେଠୀ, ଏସଆଇ ଚିରଞ୍ଜିବ ରାଉତ୍, ଏସଆଇ ମଧୁସ୍ମିତା ସିଂଙ୍କ ନେତୃତ୍ୱରେ ବହୁ ପୁଲିସ ଅଧିକାରୀ ଓ କର୍ମଚାରୀ ଶୋଭାଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହିତ ପରିଚାଳନା କରିଥିଲେ।

**ଖଇରା** : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ପବିତ୍ର ରାମନବମୀ ଭକ୍ତିଭାବଭରା ପରିବେଶରେ ପାଳିତ ହୋଇ ଯାଇଛି। ସୁଣ୍ଡିରା ଗ୍ରାମସ୍ଥିତ ହନୁମାନ ମନ୍ଦିରରେ ୧୭ତମ ଶ୍ରୀରାମ ନବମୀ ନିରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପାଳିତ ହୋଇ ଯାଇଛି। ପ୍ରଥମେ ବ୍ରତୀ ମାନଙ୍କ ଦ୍ୱାରା କଳସ ଅଣାଯାଇଥିଲା। ଜଗନ୍ନାଥ ପଣ୍ଡା ଓ ଉମାକାନ୍ତ ପଣ୍ଡାଙ୍କ ଦ୍ୱାରା ହୋମଯଜ୍ଞ ଓ ରାମଚରିତ ମାନସ ପାଠ କରାଯାଇଥିଲା। ଶଙ୍କର୍ଷଣ ରାୟ, ଶିଶିର କୁମାର ନାୟକ, ବାସନ୍ତିଲତା ମହାପାତ୍ର, ପର୍ଶୁରାମ ବେହେରା, ରତ୍ନାକର ବେହେରା, କୃପାସିନ୍ଧୁ ଖଟୁଆ, ଜ୍ୟୋତିରଞ୍ଜନ ବେହେରା, ହରିଶ୍ଚନ୍ଦ୍ର ପରିଡ଼ା ଓ ମହେନ୍ଦ୍ର ଶିଅଳ ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି ଖଇରା ବଜରଙ୍ଗ ଦଳ ପକ୍ଷରୁ ବାଇକ ଶୋଭାଯାତ୍ରା ଓ ହନୁମାନଙ୍କ ପୁଜାର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସଭାପତି ଲୋଚନ ରାଉତ, ଉପସଭାପତି ପ୍ରସନ୍ନଜିତ ସାହୁ, କୋଷାଧ୍ୟକ୍ଷ ଅବିନାଶ ପ୍ରଧାନଙ୍କ ନେତୃତ୍ୱରେ ଶହଶହ ସଂଖ୍ୟାର ରାମଭକ୍ତ ବାଇକ ଶୋଭାଯାତ୍ରାରେ ଜୟଶ୍ରୀରାମ ସ୍ଲୋଗାନ ଦେଇ ବର୍ତ୍ତନାରୁ ବାହାରି ତୁଡିଗଡ଼ିଆ ପର୍ଯ୍ୟନ୍ତ ଯାଇଥିଲେ। ଖଇରା ଦୁର୍ଗାମଣ୍ଡପ କୁ ଫେରି ହନୁମାନ ଓ ରାମଲକ୍ଷ୍ମଣ ସୀତାଙ୍କ ପୂଜାର୍ଚ୍ଚନା କରିଥିଲେ। ବୁଲୁ ମହାନ୍ତି, ସୁରେଶ ବେହେରା, କମଳାକାନ୍ତ ରାଉତ, ଗୌତମ ଜେନା, ଜୟଦେବ ବେହେରା, ଡମ୍ବରୁ ମହାନ୍ତି, ରବୀନ୍ଦ୍ର ରାଉତ, ଜୟନ୍ତ ସାହୁ, ମାୟାଧର କୁଅଁର ପ୍ରମୁଖ ସହଯୋଗ କରିଥିଲେ।

**ବିଶ୍ୱହିନ୍ଦୁ ପରିଷଦର ବାଇକ ଶୋଭାଯାତ୍ରା** : ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଶ୍ରୀରାମ ନବମୀ ଉପଲକ୍ଷେ ଜନଜାଗରଣ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଶ୍ରୀରାମ ନବମୀ ଅବସରରେ କମର୍ଦ୍ଦା, ଅନଳିଆ, ଭୋଗରାଇ ହାଟ ଓ ଚନ୍ଦନେଶ୍ୱର ବଜାରରୁ ପୃଥକ ୪ ଟି ବାଇକ ଶୋଭାଯାତ୍ରା ସନ୍ଧ୍ୟାରେ ଆସି ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଥାନାଛକ ଠାରେ ପହଞ୍ଚିଥିଲା। ସେଠାରୁ ସମବେତ ଶୋଭାଯାତ୍ରା ଚକସାନ ଜଳେଶ୍ୱରପୁରସ୍ଥିତ ଶ୍ରୀରାମ ମନ୍ଦିର ପୀଠରେ ପହଞ୍ଚିଥିଲା। ଦେବଭୂମି ବିକାଶ ପରିଷଦ, ବିଶ୍ୱହିନ୍ଦୁ ପରିଷଦ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟ ମାନେ ତିନି ଶହରୁ ଅଧିକ ବାଇକ ଓ ବ୍ୟାଟେରୀ ଟୋଟୋ ସହିତ ଏକ ବିଶାଳ ତଥା ସୁସଜ୍ଜିତ ପଟୁଆରରେ ଭୋଗରାଇ ଅଞ୍ଚଳ ପରିକ୍ରମା କରିବା ସହିତ ଜୟ ଶ୍ରୀରାମ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦର ଭୋଗରାଇ ପ୍ରଖଣ୍ଡ ବିଶେଷ ସମ୍ପର୍କ ପ୍ରମୁଖ ଦିଲ୍ଲୀପ କାମିଲା ଏବଂ ସାଂସଦ ପ୍ରତିନିଧି ତଥା ସିଆଁରୁଇ ପଞ୍ଚାୟତ ସମିତି ସଦସ୍ୟ ଆଶିଷ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ବିଶ୍ୱହିନ୍ଦୁ ପରିଷଦ ପ୍ରଖଣ୍ଡ ସଭାପତି ଗୌରହରି ମହାନ୍ତି, ସମ୍ପାଦକ ରାମହରି ସୁର, ଗୋଛିଦା ତେଘରି ସରପଞ୍ଚ ରାଜେଶ୍ୱରୀ କାମିଳା, ରାମଚନ୍ଦ୍ର ପରିଡ଼ା, ସୁଶୀଲ ମହାନ୍ତି, ପ୍ରଦୀପ ଗିରି, ସାହାବାଜିପୁର ପଞ୍ଚାୟତ ସମିତି ସଦସ୍ୟ ତରଣୀକାନ୍ତ ସେନାପତି, ପ୍ରମୋଦ ବେହେରା, ପୂର୍ବତନ ଅନଳିଆ ସରପଞ୍ଚ ବ୍ରଜକିଶୋର ମହାନ୍ତି, ନୀଳକଣ୍ଠ ଘୋଷ, ପଙ୍କଜ କୁମାର ଦାସ, ମନୋଜ ଦାସ ପ୍ରମୁଖ ଏହି ଜନଜାଗରଣ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ।

**ବାଲିଆପାଳ** : ପବିତ୍ର ରାମନବମୀ ଅବସରରେ ବୁଧବାର ପୂର୍ବାହ୍ନରେ ବାଲିଆପାଳ ବଜରଙ୍ଗ ଦଳ ପକ୍ଷରୁ ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲିଆପାଳ ବସ୍‌ଷ୍ଟାଣ୍ଡ ଠାରୁ ସିମୁଳିଆ ମାର୍କେଟ ସବୁଠି ଗେରୁଆ ପତାକା ବନ୍ଧା ଯାଇ ସବୁଠି ଗୈରିକ ମୟ ହୋଇଥିଲା। ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ ସହିତ ବାଲିଆପାଳ ଭାଜପା ପକ୍ଷରୁ ଶ୍ରୀରାମଙ୍କ ଫଟୋଚିତ୍ରକୁ ଭିନ୍ନ ଭିନ୍ନ ରୂପରେ ରଥରେ ସଜା ଯାଇ ବଜରଙ୍ଗ ଦଳ କର୍ମୀଙ୍କ ସହିତ ବାଲିଆପାଳ ଭାଜପା କର୍ମୀ ମାନେ ଶହ ଶହ ମଟର ସାଇକେଲରେ ବାଲିଆପାଳ ବସ୍‌ଷ୍ଟାଣ୍ଡଠାରୁ ଶୋଭାଯାତ୍ରାରେ ବାହାରି ବାଲିଆପାଳ ବ୍ଲକର ସମସ୍ତ ଅଞ୍ଚଳ ପରିକ୍ରମା କରିଥିଲେ। ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ଥିଲା। ବାଲିଆପାଳ ବଜରଙ୍ଗ ଦଳ ଶାଖାର ସଂଯୋଜକ ଓଁକାର ଭୂୟାଁଙ୍କ ନେତୃତ୍ୱରେ ଅନୁଷ୍ଠିତ ବାଇକ ରାଲିରେ ବଜରଙ୍ଗ ଦଳର ସମସ୍ତ ସଦସ୍ୟ, ଓବିସି ମୋର୍ଚ୍ଚା ସହିତ ବହୁ ଭାଜପା ନେତା କର୍ମୀ ରାଲିରେ ସାମିଲ ଥିଲେ।







## ଭୋଗରାଇରେ ରାମରଥ ବାଇକ୍ ଶୋଭାଯାତ୍ରା

ଭୋଗରାଇ, ୧୭।୪ (ସମିସ) : ଭୋଗରାଇ ବ୍ଲକରେ ପବିତ୍ର ରାମନବମୀ ଉପଲକ୍ଷେ ଅଖଣ୍ଡ ଭାରତ ହିନ୍ଦୁ ମହାସଭା ପକ୍ଷରୁ ଭୋଗରାଇ ବ୍ଲକରେ ବିଶାଳ ରାମରଥ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁ ସନାତନ ଧର୍ମର୍ ସୁରକ୍ଷା ଓ ପ୍ରଚାର ପ୍ରସାର ପାଇଁ କାର୍ଯ୍ୟ କରିଆସୁଥିବା ଏହି ମହାସଭା ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ରାମନବମୀରେ ଭୋଗରାଇ ବ୍ଲକର ୫୦ଟି ପଞ୍ଚାୟତର ସମସ୍ତ ଗ୍ରାମରେ ବିଶାଳ ରାମରଥ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୁଧବାର ସକାଳ ୮ ଟାରେ ଥାନାଛକ ରାମ ମନ୍ଦିର ଠାରୁ ଦୁଇ ଶହରୁ ଅଧିକ ବାଇକ ସହିତ ଏହି ରାମରଥ ବାଇକ ଶୋଭାଯାତ୍ରା ବାହାରି ବାଲିମ, କମର୍ଦ୍ଦା, ଦୁଡପଲ, ନାଚିନ୍ଦା, ଉଲୁଡା, ପୀରଛକ, ବାରମାଇଲ, ସାହୁଛକ, ଦାହୁଣଦା, ପ୍ରିୟବାଗ, କୁଳିଦା, ଦେଉଳା, ଅନଳିଆ, ଥାନାଛକ, ଭୋଗରାଇ ହାଟ, ଡିଙ୍ଗଲା ଘାଟ, ଆଉସା, ରଣକୋଠା, ମାଟିକେଞ୍ଚା, କୀର୍ତ୍ତନିଆ, ବଡପାହି ଛକ, ବିଚିତ୍ରପୁର, ରଣସିଂହପୁର, ହାମରିଆ, ଶ୍ରଦ୍ଧାପୁର, ଗୋବିନ୍ଦପୁର, ପସରବିନ୍ଧା, ଜୟରାମପୁର ହାଟ, ଦ୍ୱାରୀପାତର, ଗୋପୀନାଥପୁର, ନାଇଦୋଳି, ନିମାତପୁର, ବାସନ୍ତୀ ପଡ଼ିଆ, ଶଙ୍ଖାରୀ, ଚନ୍ଦନେଶ୍ୱର, ସାହାବାଜିପୁର ବର୍ତ୍ତର ହୋଇ ସନ୍ଧ୍ୟାରେ ଥାନାଛକ ଠାରେ ପହଞ୍ଚିଥିଲା। ସମଗ୍ର ଭୋଗରାଇ ଶ୍ରୀରାମ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ସେଠାରୁ ଚକବାଡି ଜଳେଶ୍ୱରପୁର ରାମମନ୍ଦିର ଠାରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହିତ ଶୋଭାଯାତ୍ରା ଉଦଯାପିତ ହୋଇଥିଲା। ଅଖଣ୍ଡ ଭାରତ ହିନ୍ଦୁ ମହାସଭାର ଓଡ଼ିଶା ରାଜ୍ୟ ସଭାପତି କୌଶିକ ଚାନ୍ଦଙ୍କ ନେତୃତ୍ୱରେ ଏହି ରାମରଥ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ବେଳେ ଭୋଗରାଇର ଅଖଣ୍ଡ ଭାରତ ବ୍ଲକ ସଭାପତି ଭବାନୀ ଶଙ୍କର ପାଲ, ସମ୍ପାଦକ ପ୍ରିୟବ୍ରତ ପ୍ରଧାନ, ଅମ୍ବରୀଶ ମହାନ୍ତି, ଜନ୍ମେଜୟ ପ୍ରମାଣିକ, ବନମାଳୀ ଦାସ ଏବଂ ବିଭିନ୍ନ ଜୋନର ସଭାପତି ଓ ପଞ୍ଚାୟତ ସଭାପତି ମାନେ ପରିଚାଳନା କରିଥିଲେ।

# ବିଦ୍ୟୁତ୍ କାଟ୍ ପ୍ରତିବାଦରେ କର୍ମଚାରୀ ୩ ଘଣ୍ଟା ଅଟକ

ଚୌକି, ୧୭।୪ (ସମିସ) :

ଭୋଗରାଇ ବ୍ଲକ କଖଡା ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମରେ ଆଜି ବିଦ୍ୟୁତ କର୍ମଚାରୀମାନେ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିବା ଜଣାପଡ଼ିଛି। ପ୍ରବଳ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ହେଉଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ତେଣୁ ଏହି ଗାଁରେ ୮ ଘଣ୍ଟା ବିଦ୍ୟୁତ କାଟ ହେବା ପ୍ରତିବାଦରେ ୪ ବିଦ୍ୟୁତ କର୍ମଚାରୀଙ୍କୁ ଗ୍ରାମବାସୀ ମାନେ ଦୀର୍ଘ ୩ ଘଣ୍ଟା ଅଟକ ରଖିଥିଲେ। ରାତି ୧୨ରୁ ସକାଳ ସକାଳ ୮ ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗରୁ ବିଛିନ୍ନ ହୋଇଥିଲା କଖଡ଼ା ପଞ୍ଚାୟତର



ପୁରୁଷୋତ୍ତମ ଗ୍ରାମରେ। ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଦୀପ୍ତିକାନ୍ତ ନାୟକଙ୍କୁ ବହୁବାର ଫୋନ୍ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିଲେ। ପ୍ରାୟ ୨ ହଜାରରୁ ଉର୍ଦ୍ଧ ଉପଭୋକ୍ତା ମାନେ ହନ୍ତସନ୍ତ ହୋଇଥିବା ବେଳେ ବିଦ୍ୟୁତ କର୍ମଚାରୀମାନେ କିଛି ଶୁଣି ନଥିଲେ। ତେଣୁ ସକାଳେ ଗ୍ରାମକୁ ବିଦ୍ୟୁତ କର୍ମଚାରୀ ଚନ୍ଦନ ଦାସ, ଦୀପକ ସାହୁ, ଶୁଭ୍ରାଂଶୁ ପତି, ଆଶିଷ ଗିରି ଗ୍ରାମରେ ପହଁଚିଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ଅଟକ ରଖିଥିଲେ। ଏହି ଗାଁର ବିଜୟ ବାରିକ, ପିଣ୍ଟୁସ ଘୋଷ, ଜନ୍ମେଜୟ ସାହୁ ଉମାକାନ୍ତ ଘଡାଇ ଦିଲୀପ ଦାସ, ମଜବୁଲ ରହମାନ, ଅଶୋକ ଦାସ, କ୍ରମୁଲ ବେଗ, ଅଜୟ ସାହୁ, ଲାଲଟୁ ଦାସ, ନିତ୍ୟାନନ୍ଦ ଗିରି

**ଭୁଲ ସ୍ୱୀକାର ପରେ ମୁକୁଳିଲେ**

ଅଧୀର ବେହେରା ପ୍ରମୁଖ ଶତାଧିକ ଲୋକେ ଉପସ୍ଥିତ ଥିଲେ। ପରେ ଏଭଳି ଭୁଲ ଆଉ କରିବେନି ବୋଲି ବିଦ୍ୟୁତ କର୍ମଚାରୀ ମାନେ ଭୁଲ ସ୍ୱୀକାର କରିବା ପରେ ଗ୍ରାମବାସୀ ସେମାନଙ୍କୁ ଛାଡିଥିଲେ।

## ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ବୈଠକ



ଜଳେଶ୍ୱର ବ୍ଲକ, ୧୭।୪ (ସମିସ) : ୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମାକିଡ଼ିଆ ପଞ୍ଚାୟତ ମାକିଡ଼ିଆ ଗ୍ରାମରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ପଞ୍ଚାୟତର ସମସ୍ତ କର୍ମୀ ମାନଙ୍କୁ ନେଇ ବରିଷ୍ଠ ବିଜେଡି ନେତା ସୃଷ୍ଟିଧର ସାହୁଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କର୍ମୀ ସମ୍ମିଳନୀରେ ଜଳେଶ୍ୱର ବ୍ଲକ ପୂର୍ବତନ ବ୍ଲକ ଉପାଧକ୍ଷ ରାଧାକାନ୍ତ ଘୋଷ, ପଞ୍ଚାୟତ ବିଜେଡି ସଭାପତି ନିମାଇଁ ଚରଣ ଘୋଷ, ବିଜେଡି ନେତା ସମୀର ଘଡ଼େଇ, ଦୀପକ କାପୁଡ଼ିଙ୍କ ସହ ଦଳୀୟ ୱାର୍ଡ଼ ମେମ୍ବର ଏବଂ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଜଳେଶ୍ୱର ବିଧାୟକ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର ଓ ବାଲେଶ୍ୱର ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତ ସିଂହାରଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରାଇବା ସହ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବାର ଶପଥ ଗ୍ରହଣ କରିଥିଲେ।

## ମା' ବାସନ୍ତୀ ଦୁର୍ଗାଙ୍କ ନବମୀ ପୂଜା



ସିମୁଳିଆ, ୧୭।୪(ସମିସ): ସିମୁଳିଆ ବ୍ଲକ ଅଧିନସ୍ଥ ବରୀ ପଞ୍ଚାୟତନିକଟସ୍ଥ ବାସନ୍ତୀ ମଣ୍ଡପରେ। ମା ବାସନ୍ତୀ ଦୁର୍ଗାଙ୍କର ନବମୀ ପୂଜା ଚାଲୁଥିଲା ବେଳେ ବରୀ ବଜାର ଉତ୍ସବ ମୁଖର। ମାଆଙ୍କର ମୂର୍ତ୍ତି ସାଙ୍ଗକୁ ସୁଦୃଶ୍ୟ ତୋରଣ ସହିତ ରଙ୍ଗୀନ ଆଲୋକରେ ଝଲସି ଉଠୁଛି ପୂଜା ମଣ୍ଡପ। ମାଆଙ୍କର ଘଟଉତ୍ତୋଳନ ପରେ ମାଆଙ୍କର ବିଧିବଦ୍ଧ ଭାବେ ଷଷ୍ଠୀ, ସପ୍ତମୀ ଓ ଅଷ୍ଟମୀ ପୂଜା ହୋଇଥିଲା। ମା'ଙ୍କ ପୂଜା ପାଞ୍ଚଦିନ ଧରି ଚାଲିବ। ଦଶମୀ ଦିନ ମାଆ ବାସନ୍ତୀ ଦୁର୍ଗାଙ୍କର ବିସର୍ଜନ କରିବାର ବ୍ୟବସ୍ଥା କରାଯାଇଛି। କମିଟିର ସଭାପତି କମଳ ଚରଣ ଲେଙ୍କା, ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ ଓ ସୁରେନ୍ଦ୍ର ପ୍ରସାଦ ରାଉତ ପୂଜା କାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।

## ବିଧାୟକ ପ୍ରାର୍ଥୀଙ୍କୁ ଭୋଗରାଇ କଂଗ୍ରେସର ସମ୍ବର୍ଦ୍ଧନା

ଭୋଗରାଇ, ୧୭।୪ (ସମିସ) : ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଭୋଗରାଇ ବିଧାନସଭା ନିର୍ବାଚନ ମଣ୍ଡଳୀରେ ତୃତୀୟ ଥର ପାଇଁ ବିଧାୟକ ପ୍ରାର୍ଥୀ ଭାବେ କଂଗ୍ରେସ ଦଳ ସତ୍ୟଶିବ ଦାସଙ୍କୁ ମଇଦାନକୁ ଓହ୍ଲାଇଛି। ପ୍ରାର୍ଥୀ ଘୋଷଣା ପରେ ଭୋଗରାଇ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୫୦ ପଞ୍ଚାୟତର କଂଗ୍ରେସ ପକ୍ଷରୁ ବିଧାୟକ ପ୍ରାର୍ଥୀ ସତ୍ୟଶିବ ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପରେ କର୍ମୀ ସମ୍ମିଳନୀ ମାଧ୍ୟମରେ ବିଧିବଦ୍ଧ ଭାବେ ନିର୍ବାଚନ ପ୍ରଚାର ଶୁଭାରମ୍ଭ ହୋଇଛି। ଏ ନେଇ ଭୋଗରାଇ କଂଗ୍ରେସ ଭବନ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା, କର୍ମୀ ସମ୍ମିଳନୀ ଓ ନିର୍ବାଚନ ପ୍ରଚାର ଶୁଭାରମ୍ଭ ସଭାରେ ଭୋଗରାଇ ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ।

## ସୋହରିଆ ପଞ୍ଚାୟତ ପକ୍ଷରୁ ଜଳଦାନ ଶିବିର

ଭୋଗରାଇ, ୧୭।୪ (ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ସୋହରିଆ ପଞ୍ଚାୟତ ପକ୍ଷରୁ ଏକ ଜଳଦାନ ଶିବିର ବୁଧବାର ସକାଳେ ଉଦଘାଟିତ ହୋଇଯାଇଛି। ସୋହରିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖସ୍ଥ ଦେଉଳାହାଟ- ସୋହରିଆ ମୁଖ୍ୟ ରାସ୍ତାରେ ଏହି ଜଳଦାନ ଶିବିର ଖୋଲାଯାଇଥିବା ବେଳେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର କମଳାକାନ୍ତ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଛନ୍ତି। ସ୍ଥାନୀୟ ସରପଞ୍ଚ ଜଗନ୍ନାଥ ସେଠୀ ଏବଂ ପୁରୁଷୋତ୍ତମପୁର ସେବା ସମବାୟ ସମିତିର ପୂର୍ବତନ ସଭାପତି ହରିହର ମଣ୍ଡଳଙ୍କ ସମେତ ସମସ୍ତ ୱାର୍ଡମେମ୍ବର ଓ ନାଏବ ସରପଞ୍ଚ ଉପସ୍ଥିତ ଥିଲେ।

## ଷୋଳଷଣ୍ଡାରେ ହନୁମାନ ଜୟନ୍ତୀ ଓ ନବବର୍ଷ ଉପଲକ୍ଷେ ବନ୍ଧୁମିଳନ

ଜଳେଶ୍ୱର ବ୍ଲକ, ୧୭।୪ (ସମିସ) : ଓଡ଼ିଆ ନବ ବର୍ଷ ଅବସରରେ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବର୍ଡନା ଗ୍ରାମ ପଞ୍ଚାୟତର ଷୋଳଷଣ୍ଡା ଗ୍ରାମର ବୃନ୍ଦାବତୀ ପଡ଼ିଆରେ ଆୟୋଜିତ ବଜରଙ୍ଗ ୱାଲି ପୂଜୋତ୍ସବ ପରିପ୍ରେକ୍ଷୀରେ ବଜରଙ୍ଗ ୱାଲି କମିଟି ପକ୍ଷରୁ ଏକ ବନ୍ଧୁ ମିଳନ ପର୍ବ ଆୟୋଜିତ ହୋଇଥିଲା। ଉତ୍ସବରେ ବଜରଙ୍ଗ ୱାଲି କମିଟିର ସଭାପତି ତଥା ପ୍ରଥମ ଉଦ୍ୟୋକ୍ତା ନବ କିଶୋର ଜେନାଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ନିକଟରେ ଅବସର ନେଇଥିବା ପଶ୍ଚିମବାର୍ଡ ଓ ପାଇକସିଦା କ୍ଲଷ୍ଟରର ସିଆରସିସି ରାମଚନ୍ଦ୍ର ଜେନା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ରବୀନ୍ଦ୍ର ନାଥ ପାଳ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଅନନ୍ତ କୁମାର ରାଉଳ, ରବୀନ୍ଦ୍ର ନାଥ ବାରିକ, ପଞ୍ଚାନନ ଜେନା ଓ ଜଗଦୀଶ ଜେନା ପ୍ରମୁଖ ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ସମସ୍ତେ ଏକ ମନରେ କାର୍ଯ୍ୟ କଲେ ଆନନ୍ଦ ମିଳିଥାଏ ବୋଲି କହିଥିଲେ। ପରିଶେଷରେ ଚନ୍ଦନ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ରକ୍ତ କର୍କଟରେ ଶିକ୍ଷକଙ୍କ ପରଲୋକ



ଜଳେଶ୍ୱର ବ୍ଲକ, ୧୭।୪ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମହମ୍ମଦ ନଗର ପାଟଣା ଗ୍ରାମ ପଞ୍ଚାୟତର ଚକ୍ରଡା ଗ୍ରାମର ଜୟାନନ୍ଦ ପ୍ରଧାନଙ୍କ ସାନ ପୁଅ ଶିକ୍ଷକ ଲକ୍ଷ୍ମଣ କୁମାର ପ୍ରଧାନଙ୍କ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି। ସୂଚନାରୁ ଜଣା ପଡ଼ିଛି ଶିକ୍ଷକ ଲକ୍ଷ୍ମଣ ଦୀର୍ଘ ୭ ମାସ ଧରି ରକ୍ତ କର୍କଟ ରୋଗ ହୋଇ ଥିବାରୁ ବମ୍ବେ ସ୍ଥିତ ଟାଟା ମେମୋରିଆଲ କର୍କଟ ହସପିଟାଲରେ ଚିକିତ୍ସାଧୀନ ଥିଲେ। ଗତକାଲି ରାତି ୧୦ ଟା ୨୪ରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସେ ୧୯ ୯୨ ମସିହାରେ ଜନ୍ମ ଗ୍ରହଣ କରିଥିବା ବେଳେ ପାଠପଢ଼ା ଶେଷ କରି ୨୦୧୨ ମସିହାରେ ଜଳେଶ୍ୱର ବ୍ଲକ ଖଣାବାଡ଼ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ତାଙ୍କର ସ୍ତ୍ରୀ ସୃତପା ପ୍ରଧାନ, ୨ ବର୍ଷ ୬ ମାସର ଏକମାତ୍ର ଝିଅ ସାନି ପ୍ରଧାନ ଅଛନ୍ତି। ମୃତ୍ୟୁ ଖବର ପାଇ ଜଳେଶ୍ୱର ଯୁବ କଂଗ୍ରେସ ସଭାପତି ସପନ କୁମାର ରାଉତଙ୍କ ସହ ନିଶିକାନ୍ତ ଦେ, ଶାନ୍ତନୁ ମଣ୍ଡଳ, କାର୍ତ୍ତିକ ଚନ୍ଦ୍ର ଦାସ, କିଶୋର ଚନ୍ଦ୍ର ଦାସ, ଗିରିଜା ଶଙ୍କର ଗିରୀଙ୍କ ସହ ବନ୍ଧୁ ବାନ୍ଧବ, ଗ୍ରାମବାସୀ ଓ ସାଙ୍ଗସାଥୀମାନେ ଶୋକ ପ୍ରକାଶ କରିଛନ୍ତି।

# ସାର୍ବଜନୀନ ବାସନ୍ତୀ ମାତା ପୂଜୋତ୍ସବ



ପାଞ୍ଚ ହଜାର ବ୍ରତାଚାରୀଙ୍କ ପୂଜାର୍ଚ୍ଚନା

ଭୋଗରାଇ, ୧୭।୪ (ସମିସ) : ଭୋଗରାଇ ବ୍ଲକ ଦେଉଳା ପଞ୍ଚାୟତ ଅନ୍ତର୍ଗତ ଦେଉଳା ଡାକ୍ତରଖାନା ପଡ଼ିଆରେ ସାର୍ବଜନୀନ ବାସନ୍ତୀ ପୂଜୋତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଛି। ବୁଧବାର ମାଁଙ୍କ ମହାନବମୀ ପୂଜା ମହା ଆଡ଼ମ୍ବରରେ ସମ୍ପନ୍ନ ହୋଇଥିଲା ବେଳେ ପାଞ୍ଚ ହଜାରରୁ ବ୍ରତାଚାରୀ ମହିଳା ଭୋଗଡ଼ାଲା ଲଗାଇ ପୂଜାର୍ଚ୍ଚନା କରିବା ସହିତ ନିଜ ପରିବାରର ମଙ୍ଗଳ ମନାସି ପୁଷ୍ପାଞ୍ଜଳି ପ୍ରଦାନ କରିଛନ୍ତି। ପ୍ରତିବର୍ଷ ପରି ଦେଉଳା ଡାକ୍ତରଖାନା ପଡ଼ିଆରେ ଆୟୋଜିତ ମହିଷାମର୍ଦ୍ଦିନୀ, ଶୁଭପ୍ରଦାୟିନୀ, ବିପଦହାରିଣୀ ଶ୍ରୀଶ୍ରୀ ବାସନ୍ତୀ ଦେବୀଙ୍କ ପୂଜା ଉତ୍ସବ ଅବସରରେ ରବିବାର ସାଙ୍ଗକାଳେ ଷଷ୍ଠ କଳ୍ପାରମ୍ଭ, ଆମନ୍ତ୍ରଣାଧିବାସ ଓ ଷଷ୍ଠୀ ବିହିତ ପୂଜା ଯଥାବିଧି ଅନୁଷ୍ଠିତ ହୋଇଥିଲା। ସୋମବାର ପ୍ରତ୍ୟୁଷରେ ଏକ ବିଶାଳ ତଥା ବର୍ଣ୍ଣାଢ଼୍ୟ କଳସ ଶୋଭାଯାତ୍ରାରେ ଅନନ୍ତ ପୁରୁଷୋତ୍ତମ ମହାଦେବଙ୍କ ହାକାଣ୍ଡ ପୋଖରୀରୁ ଘଟତ୍ତୋଳନ କାର୍ଯ୍ୟକ୍ରମ ସମାପନ ହେବା ପରେ ଦେବୀଙ୍କ ନବପତ୍ରିକା ପ୍ରବେଶ ସହିତ ସପ୍ତମୀ ବିହିତ ପୂଜା ଅନୁଷ୍ଠିତ ହୋଇଥିଲା। ସେହିପରି ମଙ୍ଗଳବାର ଦେବୀଙ୍କ ମହାଷ୍ଟମୀ ବିହିତ ପୂଜା, ଅପରାହ୍ନ ୪ଟା ୪ମିନିଟ ଗତେ ସନ୍ଧିପୂଜା ଅନୁଷ୍ଠିତ ହୋଇଥିଲା। ବୁଧବାର ଦେବୀଙ୍କ ମହାନବମୀ ପୂଜା ଓ ରାମନବମୀ ବ୍ରତ ପୂଜାର୍ଚ୍ଚନା ଅବସରରେ ସମଗ୍ର ପଞ୍ଚାୟତରୁ ପାଞ୍ଚ ହଜାରରୁ ଅଧିକ ବ୍ରତାଚାରୀ ମହିଳା ମାଁଙ୍କଠାରେ ଭୋଗଡ଼ାଲା ଲଗାଇ ପୂଜାର୍ଚ୍ଚନା କରିବା ସହିତ ନିଜ ପରିବାରର ମଙ୍ଗଳ ମନାସି ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଗୁରୁବାର ଦେବୀଙ୍କ ବିହିତ ଦଶମୀ ପୂଜା ସମାପନାନ୍ତେ ଘଟ ବିସର୍ଜନ ହେବ। ମୁଖ୍ୟପୂଜକ ପଣ୍ଡିତ ଆଶୁତୋଷ ମିଶ୍ର ଓ ପୂଜକ ଶଙ୍କର ପଣ୍ଡା ଯଥାବିଧି ମାଁଙ୍କ ପୂଜା କାର୍ଯ୍ୟ କରିଥିଲାବେଳେ ପଣ୍ଡିତ ସୂର୍ଯ୍ୟକାନ୍ତ ପାଣିଗ୍ରାହୀ ଚଣ୍ଡିପାଠ କରିଥିଲେ ଏବଂ ଦିଲ୍ଲୀପ କୁମାର ପଣ୍ଡା ଓ ମନୋରଞ୍ଜନ ଗିରି ସହଯୋଗ କରିଥିଲେ। ଏହି ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହେବ। ଦେଉଳା ବାସନ୍ତୀ ପୂଜା କମିଟିର ସଭାପତି ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରମଥ ଗିରି, ସମ୍ପାଦକ ତଥା ଦେଉଳା ପଞ୍ଚାୟତ ସମିତି ସଦସ୍ୟ ଗୌତମ କୁମାର ଗିରି, ଉପଦେଷ୍ଟା ତାପସ କୁମାର ଦାସ ମହାପାତ୍ର, ସରପଞ୍ଚ ଚୈତନ୍ୟ ଗିରି, ପ୍ରଦୀପ ଗିରି, ପ୍ରଦୀପ କୁମାର ଜେନା, ଅନାଦି ରଞ୍ଜନ ଦାସ ମହାପାତ୍ର, ଅରୂପ କୁମାର ଦାସ ମହାପାତ୍ର, ଅଚିନ୍ତ୍ୟ କୁମାର ଗିରି ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନା କରୁଛନ୍ତି।

## ଫଟା ପାଇପ୍‌ରେ ମଇଳା ପାଣି ପିଉଛନ୍ତି ଗ୍ରାମବାସୀ

ବସ୍ତା, ୧୭।୪(ସମିସ) : ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ମଥାନୀ ପଞ୍ଚାୟତରେ ମଥାନୀ ଗ୍ରାମରେ ନିର୍ମାଣଧିନ ପାଣି ଟାଙ୍କିର ବାଉଁଶ ପଡ଼ି ପାଇପ ଫାଟି ଥିବା ଅଭିଯୋଗ ଶୁଣିଲେ ନାହିଁ ଠିକାଦାର। ଫଳରେ ୧୫ ଦିନ ଧରି ମଇଳା ପାଣି ପିଉଛନ୍ତି ଗ୍ରାମବାସୀ। ସ୍ୱଚ୍ଛ ଓ ନିର୍ମଳ ପାଣି ଘରେ ଘରେ ଯୋଗାଇବା ପାଇଁ ରାଜ୍ୟ ସରକାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳା ପାଇଁ ଠିକ କାମ ନ ହେବାରୁ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଲୋକେ। ସୂଚନା ଅନୁସାରେ, ୧୫ ଦିନ ପୂର୍ବେ ଏହି ଗ୍ରାମର ନିର୍ମାଣଧିନ ଉଚ୍ଚ କ୍ଷମତା ବିଶିଷ୍ଟ ପାଣି ଟାଙ୍କିର କାମ ଚାଲିଥିଲା ବେଳେ ଟାଙ୍କି ଉପରୁ ବାଉଁଶ ଓ ରଡ଼ ଖସି ପାଇପ ଉପରେ ପଡ଼ିବାରୁ ପାଇପ ଫାଟି ଯାଇଥିଲା। ଫଳରେ ପାଇପ ପାର୍ଶ୍ୱରେ ଥିବା ମଇଳା ପାଣି ରେ ମିଶି ଯାଉଥିଲା ଯାହାକୁ ଗ୍ରାମବାସୀ ମାନେ ବ୍ୟବହାର କରୁଥିଲେ। ଗତ ସୋମବାର ସକାଳେ ଗ୍ରାମବାସୀ ମାନେ ଅତିଷ୍ଠ ହୋଇ ଟାଙ୍କି କାମ କରିବାକୁ ଆସିଥିବା ସୁପରଭାଇଜରଙ୍କୁ ଅଟକ କରି ପାଇପ ସଜାଡ଼ିବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ବିନା ଫଳକରେ ନିମ୍ନମାନର ପାଇପ ପଡ଼ିବା ସହ ଟାଙ୍କି କାମ ଠିକଭାବରେ ହେଉ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘଟଣା ବାବଦରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଖୁବଶୀଘ୍ର ଫାଟିଥିବା ପାଇପ ସଜାଡ଼ିବା ପାଇଁ ଠିକାଦାରଙ୍କୁ ଜଣାଇବା ସହ ଆଗାମୀ ୧୫ ଦିନ ଭିତରେ ଟାଙ୍କି କାମ ସମ୍ପୂର୍ଣ୍ଣ କରାଯିବ ବୋଲି ଜଣାଇଥିଲେ।

## ଅସହାୟ ବିଧବା ଆଦିବାସୀ ବୃଦ୍ଧାଙ୍କୁ ସହାୟତା

ବାଲେଶ୍ୱର/ନୀଳଗିରି, ୧୭।୪(ସମିସ): ନୀଳଗିରି ବ୍ଲକ ବରହମପୁର ପଞ୍ଚାୟତ ଅଧୀନ ଅଁଳାପାଳ ଗ୍ରାମର ଆଦିବାସୀ ବିଧବା ବୃଦ୍ଧା ବୁଦୁନି ସିଂଙ୍କ ଘର ଅଦିନିଆ କାଳବୈଶାଖୀ ଧରାଶାୟୀ କରିଦେଇଥିଲା। ଏହି ଖବର ପାଇବା ପରେ ଓଡ଼ିଶା ସରକାରଙ୍କ ଆଇନ ବିଭାଗର ଅତିରିକ୍ତ ସଚିବ ଓ ଅର୍ଥ ପରାମର୍ଶ ଦାତା ତଥା ନୀଳଗିରି ମାଟିର ଆଦିବାସୀ ଝିଅ ବାସନ୍ତୀମଣି ସିଂ ଏକ ମାସର ତେଜରାତି ସାମଗ୍ରୀ ପ୍ରଦାନ କରିଥିଲେ। ସେହିପରି ଆଜି ଆଉଥରେ ମଧ୍ୟ ବାସନ୍ତୀ ସିଂ ଜାତୀୟ ସାମାଜିକ ସଂଗଠନ ଗୁଞ୍ଜ ସହାୟତାରେ ୨ଟି ତାରପୋଲିନ୍ ତମ୍ବୁ, ୨ଟି ବିଛଣା ଚାଦର, ଗୋଟିଏ କମ୍ବଳ, ବାଲ୍ଟି, ମଗ, ଏଭରେଡି ଟର୍ଚ୍ଚ ପ୍ରଭୃତି ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି, ବୃଦ୍ଧା ଜଣକ ଆଦିବାସୀ ହୋଇଥିବା ବେଳେ ତାଙ୍କ ନାମରେ କିମ୍ବା ତାଙ୍କର ଦିବଂଗତ ସ୍ୱାମୀ ଲଦା ସିଂଙ୍କ ନାମରେ ଅବା ତାଙ୍କର ଶ୍ୱଶୁରଙ୍କ ନାମରେ କୌଣସି ଜମି ପଟ୍ଟା ନ ଥିବାରୁ ଜନଜାତି ପ୍ରମାଣପତ୍ର, ଆବାସ ଯୋଜନାରେ ଘର ସମେତ ଅନ୍ୟାନ୍ୟ ସହାୟତା ପାଇପାରିବାରୁ ବଞ୍ଚିତ ହେଉଛନ୍ତି ବୋଲି ବଣ ଧୂଳିର ଫୁଲର ପ୍ରତିଷ୍ଠାତା ଅଧ୍ୟକ୍ଷ ବିଜୟ କୁମାର ଆଚାର୍ଯ୍ୟ ବାସନ୍ତୀ ମଣି ସିଂଙ୍କ ନିକଟରେ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ଏହି ବିଷୟରେ ତଦନ୍ତ କରି ଅସହାୟ ବିଧବା ଜଣଙ୍କୁ ସହାୟତା କରିବାକୁ ନିବେଦନ କରିଛନ୍ତି।

## ପୁସ୍ତକ ଲୋକାର୍ପଣ ଉତ୍ସବ



ଜଳେଶ୍ୱର ବ୍ଲକ, ୧୭।୪ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଓଲମରା ଗ୍ରାମ ପଞ୍ଚାୟତର ରାଜନଗର ଗ୍ରାମର ବାସନ୍ତି ପୂଜା କମିଟି ପକ୍ଷରୁ ଏକ ପୁସ୍ତକ ଲୋକାର୍ପଣ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। କବି ଦିଲ୍ଲୀପ କୁମାର ବେହେରାଙ୍କ ଦ୍ୱାରା ରଚିତ 'ଶ୍ରୀ ରାଜେଶ୍ୱରୀ ଶୀତଳା ପଲ୍ଲିସ୍ମୃତି କବିତାଞ୍ଜଳି' କବିତା ସଂକଳନ ବାସନ୍ତୀ ପୂଜା କମିଟିର ସଭାପତି ଅଜିତ୍ କୁମାର ଅଠାଙ୍କ ପୌରୋହିତ୍ୟରେ ଉନ୍ମୋଚନ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗବେଷକ ତଥା ପ୍ରାକ୍ତନ ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ଚରଣ ପାତ୍ର ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବରେ କଥାକାର ଆଇନଜୀବୀ ଚିନ୍ମୟ କୁମାର ଦାସ ଏବଂ ସମ୍ମାନିତ ଅତିଥି ଭାବେ ଉତ୍ତର ଓଡ଼ିଶାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦରେ ଉପ ଅଧିକ୍ଷକ ଜୟଦେବ ପ୍ରମାଣିକ ଅଭିଭାଷଣ ରଖିଥିଲେ। ଏହି ପରିପ୍ରେକ୍ଷୀରେ ସମ୍ମାନିତ ଅତିଥି ଓ ସମୀକ୍ଷକ ଭାବରେ ସୁବର୍ଣ୍ଣଶ୍ରୀ ର ପ୍ରକାଶକ କବି କାଳିପଦ ପଣ୍ଡା ଏବଂ ଅଧ୍ୟାପକ ଡକ୍ଟର ନୀଳକଣ୍ଠ ଖଣ୍ଡା ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତବ୍ୟକ୍ତ କରିଥିଲେ। ପରିଶେଷରେ ସମ୍ମାନିତ ବକ୍ତା ଭାବରେ ଓଲମରା ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ରମାକାନ୍ତ ଦେ ଓ ସମାଜସେବୀ ଯତୀନ୍ଦ୍ର ନାଥ ମହାନ୍ତି ଲେଖକଙ୍କ ଭବିଷ୍ୟତ ସୃଜନ ସମ୍ଭାବନା ଉଜ୍ଜଳ ଥିବା ଆଶା ବ୍ୟକ୍ତ କରିଥିଲେ। ଲେଖକ ଦିଲ୍ଲୀପ କୁମାର ବେହେରା ତାଙ୍କର ଲେଖକୀୟ ଅଭିବ୍ୟକ୍ତ ରଖିଥିଲେ। ଶିକ୍ଷକ ନିତ୍ୟାନନ୍ଦ ଦଣ୍ଡପାଟଙ୍କ ଦ୍ୱାରା ମଞ୍ଚ ଆହ୍ୱାନ ହୋଇଥିବା ବେଳେ ଶିକ୍ଷକ କୃଷ୍ଣାକାନ୍ତ ରଣାଙ୍କ ଦ୍ୱାରା ଅତିଥି ମାନଙ୍କ ପରିଚୟ ପ୍ରଦାନ କରାଯାଇଥିଲା। ପୂଜା କମିଟିର ବରିଷ୍ଠ ସଦସ୍ୟ ଗୌରଚନ୍ଦ୍ର ଦାସ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ଅନୁଷ୍ଠାନର ସଦସ୍ୟ ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ସୁବର୍ଣ୍ଣରେଖା କଳା ବିକାଶ କେନ୍ଦ୍ର ମାକିଡ଼ିଆ ର ଶିଶୁ ଶିଳ୍ପୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

# ୫୪ ବର୍ଷରେ ସୋହରିଆ ସାର୍ବଜନୀନ ବାସନ୍ତୀ ପୂଜା ଉତ୍ସବ

ଭୋଗରାଇ, ୧୭।୪(ସମିସ) :

ଭୋଗରାଇ ବ୍ଲକ ସୋହରିଆ ପଞ୍ଚାୟତ ଅନ୍ତର୍ଗତ ସୋହରିଆ ଗ୍ରାମରେ ସାର୍ବଜନୀନ ବାସନ୍ତୀ ପୂଜା ଉତ୍ସବକୁ ପୂରିଛି ୫୪ ବର୍ଷ। ଏହି ଅବସରରେ ବୁଧବାର ମହା ନବମୀ ପୂଜା ମହା ଆଡ଼ମ୍ବରରେ ସମ୍ପନ୍ନ ହୋଇଛି। ଦୁଇ ହଜାରରୁ ଅଧିକ ବ୍ରତାଚାରୀ ମାଁଙ୍କ ଠାରେ ଭୋଗଡ଼ାଲା ଲଗାଇ ପୁଷ୍ପାଞ୍ଜଳି ପ୍ରଦାନ କରିଛନ୍ତି। ସମଗ୍ର ଅଞ୍ଚଳ ବିଦ୍ୟୁତ ଆଲୋକମାଳାରେ ଉଦଭାସିତ ହୋଇଥିଲା ବେଳେ ଆକର୍ଷଣୀୟ ପୂଜା ମଣ୍ଡପ ସମସ୍ତ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରୁଛି। ପ୍ରତିବର୍ଷ ପରି ସୋହରିଆ ହରପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ମହିଷାମର୍ଦ୍ଦିନୀ, ଶୁଭପ୍ରଦାୟିନୀ, ବିପଦହାରିଣୀ ଶ୍ରୀଶ୍ରୀ ବାସନ୍ତୀ ଦେବୀଙ୍କ ପୂଜୋ ଅବସରରେ ରବିବାର ଦେବୀଙ୍କୁ ଆମନ୍ତ୍ରଣ ଓ ଯଥାବିଧି ଅଧିବାସ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସୋମବାର ପ୍ରତ୍ୟୁଷରେ ଏକ ବିଶାଳ ତଥା ବର୍ଣ୍ଣାଢ଼୍ୟ କଳସ ଶୋଭାଯାତ୍ରାରେ ଘଟତ୍ତୋଳନ କାର୍ଯ୍ୟକ୍ରମ ସମାପନ ହେବା ପରେ ଦେବୀଙ୍କ ନବପତ୍ରିକା ପ୍ରବେଶ ସହିତ ସପ୍ତମୀ ବିହିତ ପୂଜା ଅନୁଷ୍ଠିତ ହୋଇଥିଲା। ସେହିପରି



ମଙ୍ଗଳବାର ଦେବୀଙ୍କ ଅଷ୍ଟମୀ ପୂଜା, ଅପରାହ୍ନ ୪ଟା ୪ ମିନିଟ ଗତେ ସନ୍ଧିପୂଜା ଅନୁଷ୍ଠିତ ହୋଇଥିଲା। ବୁଧବାର ଦେବୀଙ୍କ ମହା ନବମୀ ପୂଜା ମହାଆଡ଼ମ୍ବରରେ ସମ୍ପନ୍ନ ହୋଇଥିଲାବେଳେ ହଜାର ହଜାର ମହିଳା ବ୍ରତାଚାରୀ ମାଁଙ୍କ ଠାରେ ଭୋଗ ଡାଲା ଲଗାଇ ପୂଜାର୍ଚ୍ଚନା କରିବା ସହିତ ପରିବାରର ମଙ୍ଗଳ ମନାସି ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ସେହିପରି ଗୁରୁବାର ଦେବୀଙ୍କ ବିହିତ ଦଶମୀ ପୂଜା ଅନୁଷ୍ଠିତ ହେବା ସହିତ ପ୍ରଥମରୁ ପଞ୍ଚମ, ଷଷ୍ଠରୁ ଅଷ୍ଟମ ଓ ନବମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ସହିତ ସନ୍ଧ୍ୟାରେ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଶୁକ୍ରବାର ସନ୍ଧ୍ୟାରେ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ରାତିରେ ଦିବ୍ୟସୁନ୍ଦର ଲୋକନାଟ୍ୟ ପକ୍ଷରୁ 'ଲକ୍ଷେ ଫଗୁଣର ଫୁଲେଇ ଝିଅ' ନାଟକ ମଞ୍ଚସ୍ଥ ହେବ। ସେହିପରି ଶନିବାର ସନ୍ଧ୍ୟାରେ ମେଲୋଡି ହଙ୍ଗାମା କାର୍ଯ୍ୟକ୍ରମ ପରିବେଷଣ ହେବାକୁ ଥିଲା ବେଳେ ରବିବାର ସନ୍ଧ୍ୟାରେ ବାଲେଶ୍ୱର 'ସରଗମ୍ ମେଲୋଡି' ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହେବ। ସୋହରିଆ ବାସନ୍ତୀ ପୂଜା କମିଟିର ରାଧାକୃଷ୍ଣ ମହାନ୍ତି, ଜୟନ୍ତ ତ୍ରିପାଠୀ, ସୁଶୀଲ ଦଉ, ସର୍ବେଶ୍ୱର ପ୍ରଧାନ, ବିନୟ ମଣ୍ଡଳ, ସୁବାଷ ଚନ୍ଦ୍ର ଦେ, ସତ୍ୟରଞ୍ଜନ ତ୍ରିପାଠୀ, ବିକ୍ରମ ବେହେରା, ବସନ୍ତ ବେହେରା, ଅନନ୍ତ ମହାନ୍ତି, ମନ୍ମଥ କର, ତପନ ମାହାନା, ସ୍ଥାନୀୟ ସରପଞ୍ଚ ଜଗନ୍ନାଥ ସେଠୀ, ଅଶୋକ ପାତ୍ର, ହରିହର ମଣ୍ଡଳ, ହରିହର ତ୍ରିପାଠୀ, ନନିଗୋପାଳ ବାରିକ, ଶ୍ରୀହରି ଚରଣ ଦାସ, ଗୌରାଙ୍ଗ କର, ବିମଳ ବେହେରା, ରାଖାଲ ମହାନ୍ତି ପ୍ରମୁଖଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରୁଛନ୍ତି।

